# Akashvani, Sambalpur

## SAMBALPURI NEWS BULLETIN

### 30 November 2024- 6.47- 6.52 am.

**********************************************

ପ୍ରଧାନ୍‌ମନ୍ତ୍ରୀ- ଡିଜିପି ସମ୍ମିଳନୀ ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହଉଥିବା ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ୍ ସମ୍ମିଳନୀଥି ଯୋଗ୍ ଦେବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଆଉ ଗୃହମନ୍ତ୍ରୀ ଅମିତ୍ ଶାହା ସୁରକ୍ଷା ବାବଦ୍ ଭିନ୍ ଭିନ୍ ବିଷେ ଉପ୍‌ରେ ବରିଷ୍ଠ ସୁରକ୍ଷା ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ । ସମ୍ମିଳନୀଥି ଆଭ୍ୟନ୍ତରିଣ ନିରାପତା, ନୂଆଁ ଅପରାଧିକ ଆଇନ୍, ସାମୁଦ୍ରିକ ନିରାପତା, ସାଇବର୍ ଅପରାଧ୍, ମାଓ ଦମନ୍, କୃତ୍ରିମ ବୁଦ୍ଧିମତା ଆର୍ ସନ୍ତ୍ରାସ୍‌ବାଦ୍‌କେ ପ୍ରତିହତ୍ କର୍‌ବାର୍ ବାବ୍‌ଦେ ଆଲୋଚନା କରାଯିବା ।

ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଗଲାକାଏଲ୍ ୩ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ଭୁବ୍‌ନେଶ୍ୱର୍ ନ ପୁହୁଁଚିଛନ୍ । ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ଭୁବ୍‌ନେଶ୍ୱର୍ ବିମାନ୍

ବନ୍ଦର୍ ପାଖେ ଗୁଟେ ଜନସଭାଥି ଉଦ୍‌ବୋଧନ୍ ଦେଇଥିଲେ । ଇତାର୍‌ଛଡ଼ା ଶ୍ରୀମୋଦୀ ବିଜେପିର୍ ରାଜ୍ୟ କାର୍ଯ୍ୟାଲୟକେ ଯାଇକରି ସେନ ଦଲୀୟ କର୍ମକର୍ତା, ମନ୍ତ୍ରୀ, ସାଂସଦ୍ ଆଉ ବିଧାୟକ୍ ମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ଧାନ୍ ଘିନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଖରିଫ୍ ଋତୁଥି ଧାନ୍ ଘିନା କାମ୍‌କେ ବ୍ୟାପକ କରାଯାଇଛେ । ପଞ୍ଜିକୃତ ଚାଷୀମାନେ ମଣ୍ଡି ନ ଧାନ୍ ବିକ୍‌ବାର୍ ୪୮ ଘଂଟା ଭିତ୍‌ରେ ସେମାନ୍‌କର୍ ବେଙ୍କ୍ ଏକାଉଂଟ୍‌କେ ସର୍ବନିମ୍ନ ସହାୟତା ମୂଲ୍ୟ ପାଇପାରୁଛନ୍ । ଚାଷୀମାନ୍‌କର୍ ଏକାଉଂଟ୍‌କେ ସିଧାସଲଖ୍ ଯେନ୍ତା ଇ ସହାୟକ ମୂଲ୍ୟ ପୁହୁଁଚିପାର୍‌ବା ସେଥିର୍‌ଲାଗି ସର୍‌କାରୀ ସ୍ତର୍ ନ ଭିନ୍ ଭିନ୍ ଖେପେ ଅଧିକାରୀମାନ୍‌କୁ ନିଯୁକ୍ତି ଦିଆଯାଇଛେ । ଇ ବାବ୍‌ଦେ କେନ୍‌ସି ଅଭିଯୋଗ୍ ଆସ୍‌ଲେ ଜଲ୍‌ଦି ପଦକ୍ଷେପ୍ ନିଆଯାଉଛେ ।

ଜାତୀୟ ଚାଟାର୍ଡ ଏକାଉଂଟାଂଟ୍ ସମ୍ମିଳନୀ/ ଆର୍‌ଏନ୍‌ୟୁ ସମ୍ବଲପୁର

ଜାଗୃତି ଜୀବନ୍ ଆଉ ବୃତିଥି ଗୁଟେ ନୂଆଁ ଦୃଷ୍ଟିକୋଣ ଦେବାର୍ଥି ସକ୍ଷମ୍ ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଗଲାକାଏଲ୍ ଜାତୀୟ ଚାଟାର୍ଡ ଏକାଉଂଟାଂଟ୍ ସମ୍ମିଲନୀଥି ଯୋଗ୍ ଦେଇକରି ଶ୍ରୀମତୀ ପରିଡ଼ା, ଇଟା ଆମର୍ ଦାୟିତ୍ୱ, ସଫଲତା ଆଉ ଭବିଷ୍ୟତ୍ ଲାଗି ନୂଆଁ ଆହ୍ୱାନ୍ ବଲି କହିଛନ୍ । ସେ କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପ୍ରାଥମିକତା ତାଲିକାଥି ମହିଲା, ଯୁବପିଢ଼ି, ଅନ୍ନଦାତା ଆଉ ଗରିବ୍ ରହିଥିବାର୍‌ନୁ ଇ ଦିଗେ ଚାଟାର୍ଡ ଏକାଉଂଟାଂଟ୍ ମାନ୍‌କର୍ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ।

ଜଙ୍ଗଲ୍ ନିଆଁ ପ୍ରତିକାର-ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଝାର୍‌ସୁଗୁଡ଼ା ଠାନେ ଜିଲ୍ଲାସ୍ତରୀୟ ଜଙ୍ଗଲ୍ ନିଆଁ ପ୍ରତିକାର୍ ଆର୍ ପରିଚାଲନା ବାବଦ୍ ବୈଠକ୍ ହେଇଯାଇଛେ । ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜଙ୍ଗଲ୍ ନିଆଁ ପ୍ରତିକାର୍ ଲାଗି ସଚେତନତାର୍ ଆବଶ୍ୟକତା ଆଉ ଇ ଦିଗେ ଦର୍‌କାରୀ ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଇତାର୍‌ସହେତେ ଜଙ୍ଗଲ୍ ପାଖର୍

ଗାଁର୍ ଲୋକ୍, ବନସୁରକ୍ଷା ସମିତି ଆର୍ ସେ ଇଲାକାର୍ ଯୁଆନ୍ ପିଲାମାନେ ଜଙ୍ଗଲ୍ ନିଆଁର୍ ପ୍ରତିକାର୍ ଆର୍ ପରିଚାଳନା ଦିଗେ କାମ୍ କରିପାର୍‌ବେ ସେ ପରାମର୍ଶ ଦିଆଯାଇଥିଲା ।

ଜଳମିତ୍ର ତାଲିମ୍ ଶିବିର            ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍‌ର ସଭାଗୃହଥି ଜଳମିତ୍ର ତାଲିମ୍ ଶିବିର ମୁଲ୍ ହେଇଛେ । ଇଥି ପାନିର୍ ଅପବ୍ୟବହାର୍ ରୁକ୍‌ବାର୍‌କେ ଆଉ ପ୍ରାକୃତିକ ସମ୍ପଦର୍ ସୁରକ୍ଷା ବାବ୍‌ଦେ ତାଲିମ୍ ଦିଆଯାଉଛେ । ଇ ତାଲିମ୍ ଶିବିରଥି ୪୭ ଝନ୍ ମହିଲା ଜଳମିତ୍ର ଆଉ ୪୭ ଝନ୍ ପୁରୁଷ ଜଳମିତ୍ରଙ୍କୁ ୩ ଟା ଖେପେ ତାଲିମ୍ ଦିଆଯିବା ।

ସେନା ନିଯୁକ୍ତି ପରୀକ୍ଷା            ଆର୍‌ଏନ୍‌ୟୁ / ସମ୍ବଲପୁର

ସେନା ନିଯୁକ୍ତି ପରୀକ୍ଷା ଲାଗି ପ୍ରବେଶିକା ପରୀକ୍ଷା ଆଏବା ମାସର୍ ୬ ନୁ ୯ ତାରିଖ୍‌ତକ୍ ରାଉର୍‌କେଲାର ୬ ନମ୍ବର୍ ସେକ୍ଟର୍ ନ ଥିବା ଇସ୍ପାତ୍ ଷ୍ଟାଡ଼ିୟମ୍ ନ ହେବା । ଅନୁଗୁଲ୍ ବର୍‌ଗଡ଼୍, ବଲାଙ୍ଗିର୍, ଢେଙ୍କାନାଲ୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍,

ସୁବର୍ଣ୍ଣପୁର ଆର୍ ସୁନ୍ଦର୍ଗଡ୍ର ସର୍ଟଲିଷ୍ଟେଡ୍ ପ୍ରାର୍ଥୀଙ୍କର୍ ପ୍ରବେଶିକା ପରୀକ୍ଷା ହେବା । ଇଥିର୍ଲାଗି ସବୁ ପ୍ରାର୍ଥୀଙ୍କୁ ଏଡ୍ମିଟ୍କାର୍ଡ୍ ତାଙ୍କର୍ ଇ-ମେଲ୍ଥି ଦିଆୟାଇଛେ । ଇ ବାବ୍ଦେ ସେମାନେ ୦୬୬୩-୨୫୨୦-୮୪୫ ନମ୍ବର୍ଥି ଯୋଗାଯୋଗ୍ କରିପାର୍ବେ ।

ହାତୀ ଗଣନା ଆର୍ଏନ୍ୟୁ/ କଟକ୍

ରାଏଜେ ୨ ହଜାର୍ ଶହେ ୩ ଟା ହାତୀ ଅଛନ୍ ବଲି ଶୀତକାଲୀନ୍ ହାତୀ ଗଣନା ରିପୋର୍ଟ୍ଥି କୁହାୟାଇଛେ । ଗଲା ୫ ମାସ୍ର ଗନ୍ତି ଭିତ୍ରେ ଆଉ ୫ ଟା ହାତୀ ବଢ଼ିଛନ୍ । ସେଆଡ଼େ ଇ ସମିଆ ଭିତ୍ରେ ୪୮ ହାତୀଙ୍କର୍ ମୃତ୍ୟୁ ହେଇଥିବାର୍ ରିପୋର୍ଟ୍ଥି କୁହାୟାଇଛେ । ବନବିଭାଗ୍ର ୮ ଟା ସର୍କଲ୍ର ୫୧ ଟା ବନଖଣ୍ଡ ଭିତ୍ରୁ ୩୮ ଟା ବନଖଣ୍ଡ ନ ହାତୀ ଗଣନା କରାୟାଇଥିଲା । ଇ ବଛର୍ ଖରାଦିନେ ହେଇଥିବାର୍ ହାତୀ ଗଣନାଥି ରାଏଜେ ସବୁ ମିଶିକରି ହାତୀ ସଂଖ୍ୟା ୨ ହଜାର୍ ୯୮ ଥିଲା ।

ସାଁପ୍ଚବା- କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଆର୍ଏନ୍ୟୁ /ସମ୍ବଲପୁର

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସାଁପ୍ ଚବା ମୃତ୍ୟୁକେ ବିଜ୍ଞାପିତ ରୋଗ ଭାବେ ଘୋଷ୍ନା କରିଛେ । ଇ ବାବ୍‌ଦେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ- ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍‌ର ସ୍ୱାସ୍ଥ୍ୟ ସଚିବ ମାନ୍‌କୁ ଚିଠି ଲେଖିକରି ସାଁପ୍ ଚବା ମୃତ୍ୟୁକେ ରାଜ୍ୟ ଜନସ୍ୱାସ୍ଥ୍ୟ ଆଇନ୍ କି ଅଲ୍‌ଗା ଆଇନ୍ ଅନ୍‌ସାରେ ବିଜ୍ଞାପିତ ରୋଗ ହିସାବେ ବିବେଚନା କରାଯିବା ବଲି କହିଛନ୍ । ସେ କହିଛନ୍ ଯେ, ମେଡ଼ିକାଲ୍ କଲେଜ୍ ସହେତେ ସବୁ ସର୍‌କାରୀ ଆଉ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ସବୁ ସାଁପ୍‌ଚବାଥି ମୃତ୍ୟୁ  ବାବ୍‌ଦେ ରିପୋର୍ଟ କର୍‌ବାର୍ ଜରୁରୀ ଆଏ ।

ଇଥିର୍‌ଲାଗି ସାଁପ୍ ଚବା ବାବ୍‌ଦେ ମୂଲ୍ୟବାନ୍ ତଥ୍ୟ ମିଲ୍‌ବାର୍ ସହେତେ ଇଥିର୍‌ଲାଗି ଫଳପ୍ରଦ ପଦକ୍ଷେପ୍, ଅଏତ୍‌କା ବିପଦ୍ ଜାଗା ଆର୍ ସାଁପ୍‌ଚବା ମୃତ୍ୟୁର୍ କାରଣ୍, ପରିବାର୍ ବାବ୍‌ଦେ ମୂଲ୍ୟାୟନ୍ ଆଉ ଚିକିତ୍ସା ବ୍ୟବସ୍ଥାଥି ଉନ୍ନତି  କରାଯାଇପାର୍‌ବା ବଲି ସେ କହିଛନ୍ ।

ଜଙ୍ଗଲ୍ ବିଭାଗ୍- ଗାଡ଼ି          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଥିବା ୧୯ ଟା ଅଭୟାରଣ୍ୟ, ଗୁଟେ ଜାତୀୟ ଉଦ୍ୟାନ୍, ଦୁଇଟା ବ୍ୟାଘ୍ର ସଂରକ୍ଷଣ୍ ଅଂଚଲ୍ ଆର୍ ଦୁଇଟା ସଂରକ୍ଷିତ ଅଂଚଲ୍‌ଥି ଗଲାକାଏଲ୍ ଏଟିଭି ଗାଡ଼ି ଦିଆଯାଇଛେ । ଭୁବ୍‌ନେଶ୍ୱର୍‌ର ରାଜ୍ୟ ଉଦ୍ଭିଦ ଉଦ୍ୟାନ୍ ନ ହେଇଥିବା ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ୧୮ ଟା ଜିଲ୍ଲା ନ ଥିବା ଜଙ୍ଗଲ୍ ଲାଗି ଶହେ ୩୯ ଟା ଅତ୍ୟାଧୁନିକ୍ ଗାଡ଼ି ଦିଆଯାଇଛେ । ଯେନ୍‌ମାନ୍‌କର୍ ଭିତ୍‌ରେ ଖାସ୍ କରି ତିଆର୍ କରାଯାଇଥିବା ୫୧ ଟା ଏଟିଭି ଗାଡ଼ି ରହିଛେ । ଇ ଗାଡ଼ି ମାନେ ଜଙ୍ଗଲ୍‌ର ଫିଂ’ ଜାଗାକେ ଯା’ଆସ୍ କରିପାର୍‌ବା ।